# ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁର

## ବିଜ୍ଞାପନ

ପତ୍ର ନଂ. ୨୦୩୮ /୨୦୨୦ ତା. ୩୦ .୦୯.୨୦୨୦

ଉପଜିଲ୍ଲାପାଳ ତଥା ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁର, ମୁଖ୍ୟ ବଜାର ପ୍ରାଙ୍ଗଣ ନବରଙ୍ଗପୁରରେ ଖାଲିଥିବା ୪୭(ସତଚାଳିଶି)ଗୋଟି ଦୋକାନଗୃହକୁ ଆବଣ୍ଟନ କରିବାପାଇଁ ଦରଖାସ୍ତ ଆହ୍ୱାନ୍ କରୁଛନ୍ତି । ଇଚ୍ଛୁକ ଦରଖାସ୍ତକାରୀ www.nabarangpur.nic.in ୱେବ୍‌ସାଇଟକୁ ଯାଇ ଆବଣ୍ଟନର ସର୍ତ୍ତାବଳୀ ଓ ଆବେଦନ ଫର୍ମ **ତା. ୦୩.୧୦.୨୦୨୦ରିଖ ଠାରୁ ତା. ୨୯.୧୦.୨୦୨୦ରିଖ ଅପରାହ୍ଣ ୫.୩୦(ପାଂଚ ଘଣ୍ଟା ତିରିଶି ମିନିଟ୍) ପର୍ଯ୍ୟନ୍ତ** ଡାଉନଲୋଡ କରିପାରିବେ ନଚେତ୍ ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁର କାର୍ଯ୍ୟାଳୟରୁ ଉପରୋକ୍ତ ସର୍ତ୍ତାବଳୀ ଓ ଆବେଦନ ଫର୍ମ ୫୦୦/- (ପାଂଚ ଶହ) ଟଙ୍କା ଜମାକରି **ତା. ୦୩.୧୦.୨୦୨୦ରିଖ ଠାରୁ ତା. ୨୯.୧୦.୨୦୨୦ରିଖ ଅପରାହ୍ଣ ୫.୩୦(ପାଂଚ ଘଣ୍ଟା ତିରିଶି ମିନିଟ୍) ପର୍ଯ୍ୟନ୍ତ** ଅଫିସ କାର୍ଯ୍ୟ ଦିବସରେ ପାଇପାରିବେ । ଆବେଦନକାରୀ ନବରଙ୍ଗପୁର ଜିଲ୍ଲାର ସ୍ଥାୟୀ ବାସିନ୍ଦା ହୋଇଥିବା ଆବଶ୍ୟକ । ଆବେଦନ ଫର୍ମ ସହିତ ଆବଶ୍ୟକୀୟ କାଗଜାଦି ସର୍ତ୍ତାବଳୀ ପ୍ରକାରେ ସଂଯୋଗକରି **ତା.୦୩.୧୦.୨୦୨୦ରିଖ ଠାରୁ ତା.୦୬.୧୧.୨୦୨୦ରିଖ ଅପରାହ୍ଣ ୫.୩୦(ପାଂଚ ଘଣ୍ଟା ତିରିଶି ମିନିଟ୍)** ପର୍ଯ୍ୟନ୍ତ କେବଳ ରେଜେଷ୍ଟ୍ରୀ ଡାକ କିମ୍ବା କ୍ଷୀପ୍ର ଡାକ ମାଧ୍ୟମରେ ଉପଜିଲ୍ଲାପାଳ ତଥା ଅଧ୍ୟକ୍ଷ ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁରଙ୍କ ଠିକଣାରେ ଗ୍ରହଣ କରାଯିବ । ପ୍ରକାଶ ଥାଉକି ଲଫାପା ଉପରେ **"ନିୟନ୍ତ୍ରିତ ବଜାର କମିଟି ନବରଙ୍ଗପୁରର ମୁଖ୍ୟ ବଜାର ପ୍ରାଙ୍ଗଣରେ ଦୋକାନ ଗୃହ ଆବଣ୍ଟନ ନିମନ୍ତେ ଆବେଦନ ପତ୍ର"** ଲେଖିବା ଅତ୍ୟନ୍ତ ଜରୁରୀ । ଧାର୍ଯ୍ୟ ସମୟପରେ ଆସିଥିବା ଦରଖାସ୍ତ ଗୁଡିକୁ ଗ୍ରହଣ କରାଯିବ ନାହିଁ । ସମୟସୀମା ମଧ୍ୟରେ ହସ୍ତଗତ ହୋଇଥିବା ଦରଖାସ୍ତ ଫର୍ମ ଗୁଡିକୁ **ତା. ୦୭.୧୧.୨୦୨୦ରିଖ ପୂର୍ବାହ୍ନ ୧୧.୦୦ଘଟିକା** ସମୟରେ ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁରଙ୍କ କାର୍ଯ୍ୟାଳୟରେ ଦରଖାସ୍ତକାରୀ କିମ୍ବା ତାଙ୍କ ପ୍ରାଧିକୃତ ବ୍ୟକ୍ତିଙ୍କ ଉପସ୍ଥିତିରେ ଚୟନ କମିଟିଙ୍କ ଦ୍ୱାରା ଚୟନ କରାଯିବ ।

ଉପଜିଲ୍ଲାପାଳ ତଥା ଅଧ୍ୟକ୍ଷ
ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁର

ପରିପତ୍ର ନଂ ୨୦୩୯ /୨୦୨୦ ତାରିଖ. ୩୦.୦୯.୨୦୨୦

ଏହାର ଏକକିତାନକଲ ମହାପ୍ରବନ୍ଧକ, ଓଡିଶା ରାଜ୍ୟ କୃଷିବିପଣନ ପରିଷଦ, ଭୁବନେଶ୍ୱରଙ୍କ ସଦୟ ଗୋଚରାର୍ଥେ ଜଣାଗଲା ।

ଉପଜିଲ୍ଲାପାଳ ତଥା ଅଧ୍ୟକ୍ଷ
ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁର

ପରିପତ୍ର ନଂ ୨୦୪୦ /୨୦୨୦ ତାରିଖ. ୩୦.୦୯.୨୦୨୦

ଏହାର ଏକକିତାନକଲ ଜିଲ୍ଲାପାଳ ତଥା ଜିଲ୍ଲା ଦଣ୍ଡାଧିକାରୀ, ନବରଙ୍ଗପୁରଙ୍କ ସଦୟ ଗୋଚରାର୍ଥେ ଜଣାଗଲା ।

ଉପଜିଲ୍ଲାପାଳ ତଥା ଅଧ୍ୟକ୍ଷ
ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁର

ଅ.ପୃ.ଦେ...

ପରିପତ୍ର ନଂ ୨୦୪୧ /୨୦୨୦ ତାରିଖ. ୩୦.୦୯.୨୦୨୦

ଏହାର ଏକକିତାନକଲ D.I.O, NIC, ନବରଙ୍ଗପୁରଙ୍କ ଗୋଚରାର୍ଥେ ତଥା District Web Portal ରେ ତା. ୦୩.୧୦.୨୦୨୦ରିଖ ପୂର୍ବାହ୍ନ ୧୦.୦୦ ଘଟିକା ଠାରୁ ତା.୨୯.୧୦.୨୦୨୦ରିଖ ଅପରାହ୍ନ ୪ ଘ .୩୦ ମିନିଟ୍ ପର୍ଯ୍ୟନ୍ତ ପ୍ରକାଶିତ କରିବାପାଇଁ ଅନୁରୋଧ କରାଗଲା ।

ଉପଜିଲ୍ଲାପାଳ ତଥା ଅଧ୍ୟକ୍ଷ
ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁର

ପରିପତ୍ର ନଂ ୨୦୪୨ /୨୦୨୦ ତାରିଖ. ୩୦.୦୯.୨୦୨୦

ଏହାର ଏକକିତାନକଲ ସହକାରୀ ନିବନ୍ଧକ ସମବାୟ ସମିତି, ନବରଙ୍ଗପୁର/ କନିଷ୍ଠ ଓ ସହକାରୀ ଯନ୍ତ୍ରୀ, ଓଡିଶା ରାଜ୍ୟ କୃଷିବିପଣନ ପରିଷଦ, ଭୁବନେଶ୍ୱର (ଭାରପ୍ରାପ୍ତ ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁର) ଙ୍କ ଗୋଚରାର୍ଥେ ତଥା ଗ୍ରହଣ କରାଯାଇଥିବା ଆବଣ୍ଟନ ଫର୍ମ ଗୁଡିକୁ **ତା.୦୭.୧୧.୨୦୨୦ରିଖ ପୂର୍ବାହ୍ନ ୧୧.୦୦ (ଏଗାର) ଘଟିକା** ସମୟରେ ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁର କାର୍ଯ୍ୟାଳୟରେ ଉପସ୍ଥିତ ରହି ଯାଂଚ କରି ଚୟନ କରିବାପାଇଁ ଅନୁରୋଧ କରାଗଲା ।

ଉପଜିଲ୍ଲାପାଳ ତଥା ଅଧ୍ୟକ୍ଷ
ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁର

ପରିପତ୍ର ନଂ ୨୦୪୩ /୨୦୨୦ ତାରିଖ. ୩୦.୦୯.୨୦୨୦

ଏହାର ଏକକିତାନକଲ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟର ବିଜ୍ଞାପନ ଫଳକରେ ଦର୍ଶାଇବାପାଇଁ ଅନୁରୋଧ କରାଗଲା ।

ଉପଜିଲ୍ଲାପାଳ ତଥା ଅଧ୍ୟକ୍ଷ
ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁର

# ମୁଖ୍ୟ ବଜାର ପ୍ରାଙ୍ଗଣ, ନବରଙ୍ଗପୁରରେ ନୂତନ ଦୋକାନଗୃହ ଆବଣ୍ଟନର ସର୍ତାବଳୀ

୧. ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁର ଦ୍ୱାରା ଦୋକାନ ଆବଣ୍ଟନ କ୍ଷେତ୍ରରେ ପ୍ରଥମେ ଚାଷୀ ଓ ଭାଗଚାଷୀ, ଏବଂ ତତ୍ପରେ ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁରରେ ପଂଜୀକୃତ ହୋଇଥିବା ବ୍ୟବସାୟୀଙ୍କୁ ଅଗ୍ରାଧିକାର ଦେବା ପରେ ପରବର୍ତୀ ପର୍ଯ୍ୟାୟରେ ଅନ୍ୟ ବର୍ଗର ବ୍ୟକ୍ତିଙ୍କୁ ଅଗ୍ରାଧିକାର ଦିଆଯିବ ।

୨. ଲ୍ୟାମ୍ପସ୍‌ରେ ପଂଜୀକୃତ ଚାଷୀ କିମ୍ବା ଭାଗଚାଷୀ ସଂପୃକ୍ତ ଲ୍ୟାମ୍ପସ୍‌ରୁ ପ୍ରମାଣ ପତ୍ର/ ଜାତୀୟ କୃଷି ବଜାର(e-NAM) ରେ ପଂଜୀକୃତ ହୋଇଥିବା ଚାଷୀ, ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟରୁ ପ୍ରମାଣପତ୍ର / ଓଡିଶା କୃଷକ ସମାଜ, ଭୁବନେଶ୍ୱରରେ ପଂଜୀକୃତ ହୋଇଥିବା ଚାଷୀ, ଓଡିଶା କୃଷକ ସମାଜ, ଭୁବନେଶ୍ୱର କାର୍ଯ୍ୟାଳୟରୁ ପ୍ରମାଣପତ୍ର ଇତ୍ୟାଦି ସଂଗ୍ରହ କରିପାରିବେ।

୩. ନିୟନ୍ତ୍ରିତ ବଜାର କମିଟି,ନବରଙ୍ଗପୁର ଜାତୀୟ କୃଷି ବଜାର(e-NAM)ରେ ପଂଜୀକୃତ ହୋଇଥିବା ବ୍ୟବସାୟୀ / ନିୟନ୍ତ୍ରିତ ବଜାର କମିଟି,ନବରଙ୍ଗପୁରରେ ପଂଜୀକୃତ ହୋଇଥିବା ଅନ୍ୟ ବ୍ୟବସାୟୀ ମାନଙ୍କ ପ୍ରମାଣ ପତ୍ର ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ, ନବରଙ୍ଗପୁରରୁ ପାଇପାରିବେ।

୪. ସମସ୍ତ ଆବେଦନକାରୀ ନବରଙ୍ଗପୁର ଜିଲ୍ଲାର ସ୍ଥାୟୀ ବାସିନ୍ଦା ହୋଇଥିବା ଆବଶ୍ୟକ ।

୫. ନବରଙ୍ଗପୁର ଜିଲ୍ଲାର ସ୍ଥାୟୀ ବାସିନ୍ଦା ବ୍ୟତୀତ ଅନ୍ୟ ଜିଲ୍ଲାର ଆବେଦକାରୀଙ୍କ ପତ୍ରକୁ ଅଗ୍ରାହ୍ୟ କରାଯିବ ।

୬. ଆବେଦନକାରୀ ନିମ୍ନଲିଖିତ ସର୍ତାବଳୀ ଅନୁସାରେ ଆବଶ୍ୟକ ଫର୍ମରେ ଆବେଦନ କରିବେ। ସର୍ତାବଳୀଠାରୁ ଅଧିକ ତଥ୍ୟ ଗ୍ରହଣ ଯୋଗ୍ୟ ହେବନାହିଁ ।

୭. ଜଣେ ବ୍ୟକ୍ତି କେବଳ ଗୋଟିଏ ଦୋକାନଗୃହ ପାଇଁ ଆବେଦନ କରିପାରିବେ।

୮. ଗୋଟିଏ ଦୋକାନଗୃହ ପାଇଁ ଏକାଧିକ ଦରଖାସ୍ତ ଆସିଲେ ଉକ୍ତ ଦୋକାନଗୃହ ଗୁଡିକୁ ଲଟେରୀ ମାଧ୍ୟମରେ ବଣ୍ଟନ କରାଯିବ।

୯. ଆଗରୁ ଆପଣଙ୍କ ନାମରେ ନିୟନ୍ତ୍ରିତ ବଜାର କମିଟି,ନବରଙ୍ଗପୁର କାର୍ଯ୍ୟାଳୟ ତରଫରୁ ଦୋକାନ ଗୃହ ଆବଣ୍ଟନ ହୋଇଥିଲେ ଆପଣଙ୍କ ଆବେଦନକୁ ନାକଚ କରାଯିବ ।

୧୦. ଯେଉଁ ଚାଷୀ, କୃଷକ ସମାଜ ଚାଷୀ ତଥା ବ୍ୟବସାୟୀ ଲ୍ୟାମ୍ପସ୍, R.M.C(e-NAM)Nabarangpur ଓ କୃଷକ ସମାଜ ଭୁବନେଶ୍ୱରଙ୍କ କାର୍ଯ୍ୟାଳୟରେ ନାମ ପଂଜୀକରଣ କରିନଥିବେ ସେମାନେ ଦୋକାନ ଗୃହ ଆବଣ୍ଟନ ଆବେଦନ ପତ୍ରର ନିର୍ଦ୍ଧାରିତ ସମୟ ମଧ୍ୟରେ ପଂଜିକରଣ କରିପାରିଲେ ସେମାନଙ୍କୁ ମଧ୍ୟ ସୁଯୋଗ ଦିଆଯିବ ।

୧୧. ଦୋକାନ ଗୃହ ଗୁଡିକର ଚୁକ୍ତିନାମା ଅବଧି ଏକ ବର୍ଷ ରହିବ। ସଂପୃକ୍ତ Allottee ଅବଧି ସରିବାର ଏକମାସ ପୂର୍ବରୁ ଚୁକ୍ତିନାମା ନବୀକରଣ କରିବେ ନଚେତ ତାଙ୍କର ଚୁକ୍ତିନାମାକୁ ରଦ୍ଦ କରାଯିବ।

୧୨. ଆବଣ୍ଟନ ହେଉଥିବା ଦୋକାନ ଗୃହ ଗୁଡିକରେ କୌଣସି ପ୍ରକାର ନିଶାଦ୍ରବ୍ୟ ଏବଂ ଆମିଷ ଦୋକାନ ଖୋଲାଯାଇ ପାରିବ ନାହିଁ ।

୧୩. ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁର ପ୍ରତିବର୍ଷ ଦୋକାନଗୃହର ଭଡା ୧୦ପ୍ରତିଶତ ବୃଦ୍ଧି କରିବାର କ୍ଷମତା ରହିବ।

୧୪. ଦୋକାନଗୃହ ଆବଣ୍ଟନ ହୋଇଥିବା ବ୍ୟକ୍ତି ବିଶେଷ ନିଜ ଖର୍ଚ୍ଚରେ ଦୋକାନର ବିଦ୍ୟୁତ ମିଟର ସ୍ଥାପନ କରିବେ ଓ ବିଦ୍ୟୁତ ଦେୟ ନିୟମିତ ପୈଠ କରିବେ ଦୋକାନଗୃହ ଗୁଡିକୁ ନିଜର ସଂପତି ଭାବି ପରିଷ୍କାର ପରିଚ୍ଛନ୍ନ ରଖିବେ। ନିୟନ୍ତ୍ରିତ ବଜାର କମିଟି ନବରଙ୍ଗପୁରଙ୍କ ବିନାଅନୁମତିରେ ଷ୍ଟଲର କୌଣସି ଅଂଶ ବଦଳାଇ ପାରିବେ ନାହିଁ।

୧୫. ଆବଣ୍ଟନ ବ୍ୟକ୍ତି ବିଶେଷଙ୍କର ଦେହାନ୍ତ ହେଲେ ତାଙ୍କର ଉତରାଧିକାରୀଙ୍କୁ ଆବଶ୍ୟକୀୟ ପ୍ରମାଣପତ୍ର ପ୍ରଦାନ ପରେ ପୁନର୍ବାର ଚୁକ୍ତିନାମା ପାଇଁ ପଦକ୍ଷେପ ନିଆଯିବ।

୧୬. ଯଦି କୌଣସି ବ୍ୟକ୍ତି ଦୋକାନଗୃହର ମାସିକ ଭଡା ଜମା ନ କରି କ୍ରମାନ୍ୱୟରେ ୯୦ଦିନ ଦୋକାନ ବନ୍ଦ କରିରଖିଥାନ୍ତି ତାହେଲେ ତାଙ୍କର ଚୁକ୍ତିନାମାକୁ ରଦ୍ଦ କରାଯାଇ ଦୋକାନଗୃହର ଚାବିକୁ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଭଙ୍ଗାଯାଇ ଗଚ୍ଛିତ ଥିବା ଦ୍ରବ୍ୟକୁ ସର୍ବସାଧାରଣରେ ନିଲାମ କରାଯିବ ଏବଂ ବାକିଥିବା ଦୋକାନ ଗୃହର ଭଡାକୁ ଅମାନତ ଟଙ୍କାରୁ ଭରଣା କରାଯିବ।

୧୭. ଗ୍ରାହକ ଦୋକନଗୃହର ସାନ ସାନ ମରାମତି ଖର୍ଚ୍ଚ ଟ.୧୦୦୦.୦୦(ଏକ ହଜାର)ଙ୍କା ମଧ୍ୟରେ ନିଜଖର୍ଚ୍ଚରେ ବହନ କରିବେ ଏହାଠାରୁ ଅଧିକ ଖର୍ଚ୍ଚ ଉପଲବ୍ଧିକଲେ ତୁରନ୍ତ ନିୟନ୍ତ୍ରିତ ବଜାର କମଟି କାର୍ଯ୍ୟାଳୟରେ ଲିଖିତଭାବରେ ଜଣାଇବେ।

୧୮. ଚୁକ୍ତିନାମା ପ୍ରକାରେ ଗ୍ରାହକ ନିଜ ଦୋକାନ ଘରକୁ ଅନ୍ୟକୁ ହସ୍ତାନ୍ତର କରିପାରିବେ ନାହିଁ।

ଅ.ପୃ.ଦେ...

୧୯. **ମାସିକ ଭଡାପାଇଁ ଦୋକାନପିଛା ନିମ୍ନଲିଖିତ ପ୍ରକାରେ ଧାର୍ଯ୍ୟକରାଯାଇଅଛି ।**

୧. ୪.୧୦ X ୪.୨୦ ମିଟର - ୧୬ ଗୋଟି -ମାସିକ ଭଡା ଟ.୧୮୩୭.୦୦ଙ୍କା (ଦକ୍ଷିଣ ପାର୍ଶ୍ୱ) କୁ ନଂ-୦୬, **୦୮, ୦୯,୧୦,୧୧,୧୨,୧୩,୧୪,୧୫, ୧୬, ୧୭ , ୨୧,୨୨,୨୩, ୨୫ ଓ ୨୬**

୨. ୪.୧୦ X ୪.୨୦ ମିଟର - ୧୬ ଗୋଟି -ମାସିକ ଭଡା ଟ.୧୮୩୭.୦୦ଙ୍କା (ପଶ୍ଚିମ ପାର୍ଶ୍ୱ) କୁ ନଂ- **୫୫,୫୬,୫୭,୫୮,୫୯,୬୧,୬୨,୬୩, ୬୫,୬୬, ୭୧,୭୩,୭୪,୭୫,୭୬ ଓ ୭୭**

୩. ୫.୪୦ X ୪.୧୦ ମିଟର - ୦୧ ଗୋଟିଏ -ମାସିକ ଭଡା ଟ.୨୪୦୬.୦୦ଙ୍କା (ମସଜିଦ୍ ପାର୍ଶ୍ୱ) କୁ ନଂ-୮୦

୪. ୪.୧୦ X ୪.୨୦ ମିଟର - ୦୮ ଗୋଟି -ମାସିକ ଭଡା ଟ.୧୮୩୭.୦୦ଙ୍କା (ମସଜିଦ୍ ପାର୍ଶ୍ୱ) କୁ ନଂ- **୮୧,୮୨,୮୩,୮୪,୮୫,୮୬,୮୭ ଓ ୮୮**

୫. ୪.୧୦ X ୪.୨୦ ମିଟର - ୦୬ ଗୋଟି -ମାସିକ ଭଡା ଟ.୧୮୩୭.୦୦ଙ୍କା (ମହିଳା ମହା ବିଦ୍ୟାଳୟ ପଶ୍ଚାତ୍ ପାର୍ଶ୍ୱ) କୁ ନଂ- ୭୯,୯୧,୯୨,୯୩,୯୪ ଓ ୯୫

୨୦. ଇଚ୍ଛୁକ ଗ୍ରାହକ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କାଗଜାଦି ମୂଲ୍ୟ ଜମା ବାବଦକୁ ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟରେ ୫୦୦/- ଟଙ୍କା ଜମାକରି ଆବଶ୍ୟକୀୟ ସର୍ତ୍ତାବଳୀ ଏବଂ ଆବେଦନ ପତ୍ର ପାଇପାରିବେ କିମ୍ବା www.nabarangpur.nic.in ୱେବସାଇଟରେ ସର୍ତ୍ତାବଳୀ ଓ ଆବେଦନ ପତ୍ର ଡାଉନ୍‌ଲୋଡ କରି ଉପଲବ୍ଧ ଆବେଦନ ଫର୍ମ ପୁରଣ କରି ଟ.୫୦୦ଙ୍କା ର ବ୍ୟାଙ୍କ ଡ୍ରାଫଟ୍ (ନବରଙ୍ଗପୁରର ଯେ କୌଣସି ଜାତୀୟକରଣ ବ୍ୟାଙ୍କରେ) ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁରଙ୍କ ନାମରେ କରିବେ। ଆବେଦନ ଫର୍ମ ସହିତ ୫୦୦/-ଟଙ୍କାର ରସିଦ କିମ୍ବା ବ୍ୟାଙ୍କ ଡ୍ରାଫ୍‌ଟ ସଂଯୋଗ କରି ଉପଜିଲ୍ଲାପାଳ ତଥା ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁରଙ୍କ ଠିକଣାରେ ରେଜିଷ୍ଟ୍ରୀ ଡାକ କିମ୍ବା କ୍ଷିପ୍ର ଡାକ ମାଧ୍ୟମରେ ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରେରଣ କରିବେ । ଏହି ଟଙ୍କା ଫେରସ୍ତ ଯୋଗ୍ୟନୁହେଁ । ଏତଦ୍‌ବ୍ୟତୀତ ଆବଣ୍ଟନ ପ୍ରକ୍ରୀୟାରେ ଚୟନ ହୋଇଥିବା ଗ୍ରାହକ ନିମ୍ନସାକ୍ଷରକାରୀଙ୍କ ପତ୍ର ପାଇବାର ୭(ସାତ)ଦିନ ମଧ୍ୟରେ ଅମାନତ ଜମା ବାବଦକୁ ଟ.୫୦,୦୦୦/- (ପଚାଶ ହଜାର)ଙ୍କା ସ୍ଥାନୀୟ ଜାତୀୟ କରଣ ବ୍ୟାଙ୍କ ଡ୍ରାଫଟ୍ ମାଧ୍ୟମରେ ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁରଙ୍କ ନାମରେ ଦାଖଲ କରିବେ । ଉକ୍ତ ଅମାନତ ଟଙ୍କା ନିର୍ଦ୍ଧାରିତ ସମୟ ମଧ୍ୟରେ ଜମା ନକଲେ ତାଙ୍କୁ ଚୟନ ପ୍ରକ୍ରୀୟାରୁ ବାଦ ଦିଆଯିବ।

୨୧. ପ୍ରକାଶ ଥାଉକି ଲଫାପା ଉପରେ "**ନିୟନ୍ତ୍ରିତ ବଜାର କମିଟି ନବରଙ୍ଗପୁରର ମୁଖ୍ୟ ବଜାର ପ୍ରାଙ୍ଗଣରେ ନୂତନ ଦୋକାନ ଗୃହ ଆବଣ୍ଟନ ନିମନ୍ତେ ଆବେଦନ ପତ୍ର** ଲେଖିବା ଅତ୍ୟନ୍ତ ଜରୁରୀ।

୨୨. କୌଣସି କାରଣ ନଦର୍ଶାଇ ଏହି ଆବଣ୍ଟନ ପ୍ରକ୍ରୀୟା ଯେ କୌଣସି ସମୟରେ ଉପଜିଲ୍ଲାପାଳ ତଥା ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, ନବରଙ୍ଗପୁର ରଦ୍ଦ ବା ନାକଚ କରିପାରିବେ।

ଉପଜିଲ୍ଲାପାଳ ତଥା ଅଧ୍ୟକ୍ଷ
ନିୟନ୍ତ୍ରିତ ବଜାର କମିଟି,ନବରଙ୍ଗପୁର

# ନବରଙ୍ଗପୁର ମୁଖ୍ୟ ବଜାର ପ୍ରାଙ୍ଗଣର ନୂତନ ଦୋକାନ ଗୃହ ଆବଣ୍ଟନ ନିମନ୍ତେ ଆବେଦନ ପତ୍ର

୧. ଆବେଦନକାରୀଙ୍କ ନାମ :-

୨. ପିତା ବା ସ୍ଵାମୀଙ୍କ ନାମ :-

୩. ଯୋଗାଯୋଗ ଠିକଣା :-

୪. ସ୍ଥାୟୀ ଠିକଣା :-

୫. ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର (ନକଲ ସଂଲଗ୍ନ କରନ୍ତୁ) :-

୬. ମୋବାଇଲ /ଟେଲିଫୋନ ନମ୍ବର / e-Mail ID:-

୭. ଭୋଟ ପରିଚୟ ପତ୍ର / ଆଧାରକାର୍ଡ଼ (ନକଲ ସଂଲଗ୍ନ କରନ୍ତୁ) :-

୮. କେଉଁ ଦୋକାନ କରିବାକୁ ଚାହୁଁଛନ୍ତି :-

୯. ଦୋକାନ ଗୃହର କ୍ରମିକ ନଂ (ସଂଖ୍ୟାରେ ଓ ଅକ୍ଷରାଙ୍କେ):-

୧୦. ଆଗରୁ ଆପଣଙ୍କ ନାମରେ ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ ଦ୍ଵାରା ଦୋକାନ ଗୃହ ଆବଣ୍ଟନ ହୋଇଛି କି ? :-

୧୧. ଲ୍ୟାମ୍ପସ୍‌ରେ ପଂଜୀକୃତ ଚାଷୀ, ଭାଗଚାଷୀ/ ଅନୁମୋଦିତ ଓଡିଶା କୃଷକ ସମାଜ, ଭୁବନେଶ୍ଵରଙ୍କ ଦ୍ଵାରା ପଂଜୀକରଣ ଚାଷୀ/ ନିୟନ୍ତ୍ରିତ ବଜାର କମିଟି,ନବରଙ୍ଗପୁର ଜାତୀୟ କୃଷି ବଜାର (e-NAM)ରେ ପଂଜୀକୃତ ହୋଇଥିବା ଚାଷୀ / ନିୟନ୍ତ୍ରିତ ବଜାର କମିଟି,ନବରଙ୍ଗପୁର ଜାତୀୟ କୃଷି ବଜାର(e-NAM)ରେ ପଂଜୀକୃତ ହୋଇଥିବା ବ୍ୟବସାୟୀ / ନିୟନ୍ତ୍ରିତ ବଜାର କମିଟି,ନବରଙ୍ଗପୁରରେ ପଂଜୀକୃତ ହୋଇଥିବା ବ୍ୟବସାୟୀ ପ୍ରମାଣ ପତ୍ର :-

୧୨. କାଗଜାଦି ମୂଲ୍ୟ ଜମା ଟ.୫୦୦/- ଡ୍ରାଫଟ୍ ନଂ__________ ତାରିଖ_________ କିମ୍ବା କାର୍ଯ୍ୟାଳୟର ରସିଦ ନଂ________ ତାରିଖ __________(ଫେରସ୍ତ ଯୋଗ୍ୟ ନୁହେଁ)

**ଏତଦ୍ ଦ୍ଵାରା ମୁଁ ଘୋଷଣା କରୁଅଛି ଯେ, ମୋ ଦ୍ଵାରା ପ୍ରଦତ୍ତ ଉପରୋକ୍ତ ସମସ୍ତ ତଥ୍ୟ ସତ୍ୟ ଅଟେ । ଯଦି ଭବିଷ୍ୟତରେ ଏହା ଭୁଲ୍ ପ୍ରମାଣିତ ହୁଏ ମୋ ବିରୁଦ୍ଧରେ ଆବଶ୍ୟକ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନିମନ୍ତେ ଦାୟୀ ରହିବି ।**

ସ୍ଥାନ:-

ତାରିଖ:- ଦରଖାସ୍ତ କାରୀଙ୍କ ସାକ୍ଷର